Quarterly News Letter

# ସବୁଜ ଗିରି
# SABUJA GIRI

**KRISHI VIGYAN KENDRA, GAJAPATI**

**କୃଷି ବିଜ୍ଞାନ କେନ୍ଦ୍ର, ଗଜପତି**

ODISHA UNIVERSITY OF AGRICULTU
& TECHNOLOGY, BHUBANESW
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେ
Indian Council of Agricultural Research, New De
ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ନୂଆଦି

ପଞ୍ଚଦଶ ବର୍ଷ | ସଂଖ୍ୟା-୦୪ | ଜାନୁୟାରୀ-ମାର୍ଚ୍ଚ ୨୦୨୦

## ମୁଖ୍ୟ ସଂପାଦକଙ୍କ କଲମରୁ...




କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ନିଜସ୍ୱ ସମାଚାର ପତ୍ର "ସବୁଜଗିରି"ର ପଞ୍ଚଦଶ ବର୍ଷର ଚତୁର୍ଥ ସଂସ୍କରଣ ପ୍ରକାଶନର ମୁଁ ବିଶେଷ ଆନନ୍ଦିତ । ଗଜପତି ଜିଲ୍ଲାର କୃଷି ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଇବା ଦିଗରେ ସମାଚାର ପତ୍ରର ପ୍ରକାଶନ ଏକ ବଳିଷ୍ଠ ପଦକ୍ଷେପ ଅଟେ । ଏହା ମାଧ୍ୟମରେ ଚାଷୀମାନେ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସୂଚନା ପାଇବା ସହିତ ଉନ୍ନତ ଜ୍ଞାନ କୌଶଳ, ଅଗ୍ରଣୀ ଚାଷୀମାନଙ୍କର ସଫଳତା, କୃଷି କ୍ଷେତ୍ରରେ ନୂତନତା ଓ ବିଭିନ୍ନ କୃଷି ଉନ୍ନୟନ ମୂଳକ ପ୍ରକଳ୍ପ ସମ୍ବନ୍ଧୀୟ ସୂଚନା ଇତ୍ୟାଦି ପାଇ ପାରିବେ । ଫଳରେ ଏହା ସେମାନଙ୍କର କୃଷି ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ କରିବାରେ ସହାୟକ ହେବା ସଙ୍ଗେ ସଙ୍ଗେ ଚାଷୀ ଓ ସମ୍ପ୍ରସାରଣ କର୍ମୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।

ମୁଁ ଏହି ସମାଚାର ପତ୍ରିକା ସବୁଜଗିରିର ଉନ୍ନତି କାମନା କରୁଛି ।

ସଂଗ୍ରାମ ପରମଗୁରୁ

ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

## ସମ୍ପ୍ରସାରଣ ଶିକ୍ଷା ଅଧ୍ୟକ୍ଷଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ନିଜସ୍ୱ ସମାଚାର ପତ୍ର "ସବୁଜଗିରି"ର ପଞ୍ଚଦର୍ଶ ବର୍ଷର ଚତୁର୍ଥ ସଂସ୍କରଣ ପ୍ରକାଶନରେ ମୁଁ ବିଶେଷ ଆନନ୍ଦିତ । ବିଗତ ଦିନ ମାନଙ୍କରେ ଧାନ, ମକା ସହିତ ଡାଲି, ପନିପରିବା ଚାଷ, ଫଳ ଚାଷ, ପଶୁପାଳନ, ଛତୁ ଉତ୍ପାଦନ, ମହୁଚାଷ ଏବଂ ମହିଳା ମାନଙ୍କର ଶ୍ରମ ଲାଘବ ନିମନ୍ତେ ଯନ୍ତ୍ରପାତିର ସଫଳ ବ୍ୟବହାର ଇତ୍ୟାଦି କ୍ଷେତ୍ରରେ ଜିଲ୍ଲାର କୃଷକ ଓ କୃଷିଜୀବି ମହିଳାମାନଙ୍କର ଆଗ୍ରହ ପ୍ରକାଶ ପାଇଛି । କୃଷିକ୍ଷେତ୍ରରେ ଜ୍ଞାନ କୌଶଳର ପରୀକ୍ଷା, ନିରୀକ୍ଷା, ପ୍ରଦର୍ଶନ ଏବଂ ତାଲିମ୍ ମାଧ୍ୟମରେ ଏହାକୁ ଚାଷୀମାନଙ୍କର ଦ୍ୱାରା ଆଦୃତ କରାଇବା ଦିଗରେ କୃଷି ବିଜ୍ଞାନ କେନ୍ଦ୍ରର ଭୂମିକା ଉଲ୍ଲେଖନୀୟ । ଏଥି ସହିତ ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ ସରକାରୀ ଓ ବେସରକାରୀ ସଂପ୍ରସାରଣ କର୍ମଚାରୀମାନଙ୍କୁ କୃଷି କ୍ଷେତ୍ରରେ ଜ୍ଞାନକୌଶଳ ଭିତ୍ତିକ ଅଗ୍ରଗତିର ସୂଚନା ଦେବାରେ କୃଷି ବିଜ୍ଞାନ କେନ୍ଦ୍ର ସହାୟକ ହୋଇ ପାରିଛି । "ସବୁଜଗିରି" ପତ୍ରିକାର ସଫଳ ପ୍ରକାଶନ ନିମନ୍ତେ ମୋର ହାର୍ଦ୍ଦିକ ଶୁଭକାମନା ଏବଂ କୃଷିର ଉନ୍ନତିରେ ଗଜପତି ଜିଲ୍ଲା ପାଇଁ ଏହା ବିଶେଷ ସହାୟକ ହେବ ବୋଲି ମୋର ଦୃଢ଼ ଆଶ ଓ ବିଶ୍ୱାସ ।

(ଲଳିତ ମୋହନ ଗଡ଼ନାୟକ)
ଅଧ୍ୟକ୍ଷ, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ୧୫ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ




ତା. ୧୭.୦୧.୨୦୨୦ରିଖ -ରା. ଉଦୟଗିରି ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଗଜପତିର ୧୫ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଇ.ସି.ଏ.ଆର୍ - ଅଟାରି କୋଲକାତାର ନିର୍ଦ୍ଦେଶକ ଡଃ. ଏସ୍.ଏସ୍.ସିଂ ସଭାପତି ଭାବେ ଯୋଗ ଦେଇଥିଲେ । ଏହି ମଣ୍ଡଳୀର ଅନ୍ୟାନ୍ୟ ସଦସ୍ୟମାନଙ୍କ ମଧ୍ୟରେ କୃଷି ସମ୍ପ୍ରସାରଣ, ଓୟୁଏଟିର ଉପନିର୍ଦ୍ଦେଶକ ଡଃ. ହେମନ୍ତ କୁମାର ସାହୁ, ଆଇ.ସି.ଏ.ଆର- କେନ୍ଦ୍ରୀୟ କୃଷିଜୀବୀ ମହିଳା ଅନୁଷ୍ଠାନର ନିର୍ଦ୍ଦେଶକ ଡଃ. ଏସ୍.କେ. ଶ୍ରୀବାସ୍ତବ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ. ସଂଗ୍ରାମ ପରମଗୁରୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଉଦ୍ୟାନ କୃଷି ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ, ମତ୍ସ୍ୟ ବିଭାଗ ଅଧିକାରୀ, ବନ ବିଭାଗ ଅଧିକାରୀ, ନାବାର୍ଡର ମ୍ୟାନେଜର, ଲିଡ୍ ବ୍ୟାଙ୍କର ମ୍ୟାନେଜର ତଥା ବିଭିନ୍ନ ଏନ୍.ଜି.ଓର କର୍ମକର୍ତ୍ତା ଗଣ ଏବଂ ଅଗ୍ରଣୀ କୃଷକ ଓ କୃଷିଜୀବୀ ମହିଳା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସଫଳତା ଓ ଆଗାମୀ ବର୍ଷର ପ୍ରାୟୋଜିତ କାର୍ଯ୍ୟକ୍ରମ ବିଷୟରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା । ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀଙ୍କ ଠାରୁ କୃଷି ଓ ଆନୁସାଙ୍ଗିକ କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟା, ବୈଷୟିକ ଜ୍ଞାନ କୌଶଳର ଆବଶ୍ୟକତା ଓ ଉପଲବ୍ଧ ସୁଯୋଗ ଇତ୍ୟାଦି ବିଷୟରେ ପରାମର୍ଶ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡଃ. ରଶ୍ମିତା ଟପ୍ପୋ, ଇଂ. ଶ୍ରୀ ଦ୍ୱାରିକା ମୋହନ ଦାସ, ଶ୍ରୀ ସଞ୍ଜୀବ ମାଣ୍ଡି, ସୁଶ୍ରୀ ମମତା ମାହାଳି, ଶ୍ରୀ ମନୋଜ କୁମାର ସାହୁ, ଶ୍ରୀ ରଞ୍ଜନ ପଟ୍ଟନାୟକ, ଶ୍ରୀ ସମ୍ପଦସେଠୀ, ଶ୍ରୀ ରାମ ବେହେରା ଓ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ, ପରିଚାଳନା କରିଥିଲେ । ଜିଲ୍ଲା ମୃତ୍ତିକା ଓ ଜଳ ବିଭାଜିକାର ନିର୍ଦ୍ଦେଶକ, ପ୍ରକଳ୍ପ ନିର୍ଦ୍ଦେଶକ ଡି.ଆର୍.ଡି.ଏ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ ।

## ପୋଟାଟୋ କନ୍‌କ୍ଲେଭ

ଆଳୁ ଏପରି ଏକ ପରିବା ଯାହା ଅନ୍ୟ ସମସ୍ତ ପ୍ରକାରର ପନିପରିବା ସହ ସହଜରେ ମିଶିଯାଇଥାଏ । ଯେ କୌଣସି ବ୍ୟଞ୍ଜନରେ ମଧ୍ୟ ଏହି ପରିବାଟି ବହୁତ ସହଜରେ ମିଶି ବ୍ୟଞ୍ଜନକୁ ଅଧିକ ସୁଆଦିଆ ବନେଇ ଥାଏ । କେବଳ ଯେ ପରିବା ଆକାରରେ ତାହା ନୁହେଁ । ଏହି ପରିବାଟି ରୋଷେଇ କରିବା ଛଡା ମଧ୍ୟ ଅନ୍ୟାନ୍ୟ ଖାଦ୍ୟ ପ୍ରସ୍ତୁତି ଯେପରିକି ଚିପ୍ସ୍ ବା ଶୁଖିଲା ଖାଦ୍ୟ ସାମଗ୍ରୀ ଭାବରେ ତିଆରି ହୋଇଥାଏ ଓ ଯାହା ମୁଖ୍ୟତଃ ଛୋଟ ପିଲାମାନଙ୍କୁ ବହୁତ ଭଲ ଲାଗିଥାଏ । ତେବେ ଆଳୁର ଚାହିଦା ଦିନକୁ ଦିନ ବଢିବାରେ ଲାଗିଥିବା




ବେଳେ ଚାଷୀମାନେ କିପରି ଆଳୁ ଚାଷ କରି ସଠିକ୍ ଲାଭ ପାଇ ପାରିବେ, ସେଥିପାଇଁ ଜାନୁଆରୀ ମାସ ୨୮ ତାରିଖ ଦିନ ଗୁକୁରାଟ ଠାରେ ଏକ ଆଲୋଚନା ସଭା ଆୟୋଜନ କରାଯାଇଥିଲା । ଏହି ଆୟୋଜନର ସିଧା ପ୍ରସାରଣ ଆମ ଗଜପତି ଜିଲ୍ଲାର ୧୦୦ ଚାଷୀ ଭାଇ ଓ ଭଉଣୀମାନେ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଦେଖିବାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମଟିକୁ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମକର୍ତ୍ତା ଗଣ ଆୟୋଜନ କରିଥିଲେ ।

## ୨୫ ଦିନିଆ ଧନ୍ଦାମୂଳକ ଶିକ୍ଷାର ପ୍ରଶିକ୍ଷଣ ଶିବିର

ଭାରତ ସରକାରଙ୍କ ପ୍ରଚେଷ୍ଟା କ୍ରମେ ଦେଶର ବେରୋଜଗାର କ୍ଷମ ଯୁବକ ଯୁବତୀମାନଙ୍କୁ ବିଭିନ୍ନ ଧନ୍ଦାମୂଳକ ଶିକ୍ଷାର ତାଲିମ୍ ଦେଇ ସେମାନଙ୍କୁ ବିଭିନ୍ନ ପ୍ରକାରର ଜାଗା ମାନଙ୍କରେ ଥଇଥାନ କରି ରୋଜଗାରର ବାଟ କାଢିବା ପାଇଁ ସଫଳ ହୋଇପାରିଛି । ଏହି ପରି ଧନ୍ଦାମୂଳକ ଶିକ୍ଷାର ପ୍ରଶିକ୍ଷଣ ଶିବିର ୨୫ ଦିନ ଧରି କୃଷି ବିଜ୍ଞାନ କେନ୍ଦ୍ରରେ ଆରମ୍ଭ ହେବାକୁ ଯାଉଛି । ଗଜପତି




ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପାଖା ପାଖି ୪୦ ଜଣ ପିଲା ବଛା ହୋଇ ଏହି ତାଲିମ୍ ଶିବିରରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇଛନ୍ତି । ଏହି ଶିବିର ୨୫ ଦିନ ଧରି ଚାଲୁ ରହିବ । ଏହି ଶିବିରରେ ଗୋଟିଏ ବିଷୟ କୃଷି ବିଜ୍ଞାନ କେନ୍ଦ୍ରର ଉଦ୍ୟାନ କୃଷି ବୈଜ୍ଞାନିକ ଡଃ ରଶ୍ମିତା ଟପ୍ପୋ ପରିଚାଳନା କରୁଥିବା ବେଳେ ଦ୍ୱିତୀୟ ବିଷୟଟି କୃଷି ବିଜ୍ଞାନ କେନ୍ଦ୍ରର କୃଷି ବୈଜ୍ଞାନିକ ଇଂ ଦ୍ୱାରିକ ମୋହନ ଦାସ ପରିଚାଳନା କରିବେ । ତେବେ ୨୫ ଦିନିଆ ଏହି ତାଲିମ ଶିବିରର ଶେଷରେ ଏକ ପରୀକ୍ଷା କରାଯାଇ କୃତ୍ରୀ ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ଦିଆଯିବାର ଯୋଜନା ରହିଛି ।

## ପି.ପି.ଭି. ଓ ଏଫ୍.ଆର୍.ଏ କର୍ମଶାଳା ଏବଂ କୃଷି ମେଳା



ଚଳିତ ବର୍ଷ ମାର୍ଚ୍ଚ ମାସ ୭ ତାରିଖ ଦିନ ଓୟୁଏଟି ଠାରେ ଦିନିକିଆ କୃଷକ ମେଳା ଆୟୋଜିତ କରାଯାଇଥିଲା । ଏହି ମେଳାରେ ସମଗ୍ର ରାଜ୍ୟରୁ ଚାଷୀଗଣ ଯୋଗଦାନ ଦେଇ ବିଭିନ୍ନ ପ୍ରାନ୍ତର ବିଭିନ୍ନ ଖାଦ୍ୟ ଶସ୍ୟ, ତଥା ପାରମ୍ପରିକ ବିହନ ସବନ୍ଧରେ ଦେଖି ବୁଝି ଥିଲେ । ଏହି ମେଳାକୁ ଆମ ରାଜ୍ୟର କୃଷି ମନ୍ତ୍ରୀ ଡଃ ଅରୁଣ ସାହୁ ଉଦ୍‌ଘାଟନ କରିଥିଲେ । ଲୁପ୍ତ ହୋଇ ଯାଇଥିବା ବିଭିନ୍ନ ଦେଶୀ ବିହନ ଯଥା, ମାଣ୍ଡିଆ, କାଙ୍ଗୁ, ରାଶି, ଜହ୍ନା ଆଦିକୁ କିପରି ବଞ୍ଚାଇ ରଖାଯାଇ ପାରିବ ତଥା ଅଧିକରୁ ଅଧିକ ଚାଷ କରାଯାଇ ପାରିବ । ସେ ବିଷୟରେ ଆଲୋଚନା କରାଯାଇଥାଏ । ସଭାରେ ଆମ ଗଜପତି ଜିଲ୍ଲାର ନୂଆଗଡ ବ୍ଲକ ଅନ୍ତର୍ଗତ ଅତର ସିଂ ଗ୍ରାମର ଶ୍ରୀ ମନୋଜ କୁମାର ରାଇକା ପୁରାତନ ବିହନକୁ ଆଜି ଯାଏ ସାଇତି ରଖିବା ସହ ପ୍ରତିବର୍ଷ ଚାଷ କରୁଥିବାରୁ ମାନପତ୍ର ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କୁ ସମ୍ମାନିତ କରାଯାଇଥିଲା । ଶ୍ରୀ ମନୋଜ କୁମାର ରାଇକାଙ୍କ ପରି ବିଭିନ୍ନ ଜିଲ୍ଲାରୁ ଚାଷୀମାନଙ୍କୁ ମଧ୍ୟ ସେହିପରି ସମ୍ମାନିତ କରାଯାଇଥିଲା ।

## ବିଶ୍ୱ ମହିଳା ଦିବସ ପାଳିତ




ମାନବ ସମାଜର ବିକାଶ ଦିଗରେ ମହିଳାମାନଙ୍କ ଅବଦାନ ଅତୁଳନୀୟ । ଘରେ ଜଣେ ଆଦର୍ଶ ଗୃହିଣୀ ହିସାବରେ ହେଉ କିମ୍ବା କର୍ମ କ୍ଷେତ୍ରରେ ଏକ ରୋଜଗାରୀ ବ୍ୟକ୍ତି ହିସାବରେ ସମସ୍ତ କ୍ଷେତ୍ରରେ ମହିଳାର ତ୍ୟାଗ, ପରିଶ୍ରମ, କର୍ମ ସଦାସର୍ବଦା ପୁରୁଷ ମାନଙ୍କ ଠାରୁ ଅଧିକ ରହି ଆସିଛି । ମାତ୍ର ଦୁର୍ଭାଗ୍ୟର ବିଷୟ ମହିଳାର ପରିଶ୍ରମ, ତ୍ୟାଗକୁ ସଦା ସର୍ବଦା ଅଣଦେଖା କରାଯାଇ ଆସିଛି । ଗୃହଣୀ ହିସାବରେ ସମସ୍ତ ପରିବାରର ମନ ମୁତାବକ ରୋଷେଇ କରିବା ଠାରୁ ଆରମ୍ଭ କରି ଘରକୁ ଘର ପରି ରଖିବାର ଦାୟିତ୍ୱ ଭିତରେ ମହିଳାଟି କେତେବେଳେ ନିଜର ଇଚ୍ଛା, ଆଶା, ସ୍ୱପ୍ନ ଭୁଲି ମଧ୍ୟ ଯାଇଥାଇଥାଏ । ତେବେ ମହିଳାମାନଙ୍କର ସେହି ନିସ୍ୱାର୍ଥପର ତ୍ୟାଗକୁ ମନେ ପକେଇବା ସହ ମହିଳାମାନଙ୍କର ସାହସକୁ ଆହୁରି ମଜବୁତ କରେଇବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ମାସ ୮ ତାରିଖରେ ବିଶ୍ୱ ମହିଳା ଦିବସ ପାଳନ କରାଯାଇଥାଏ ।

ଚଳିତ ବର୍ଷ ମଧ୍ୟ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୧୦୦ ଜଣ ମହିଳାଙ୍କୁ ନେଇ ବିଶ୍ୱ ମହିଳା ଦିବସ ପାଳନ କରାଯାଇଥିଲା । ମହିଳାମାନଙ୍କର ତ୍ୟାଗ, ତଥା କର୍ମରେ ତାଙ୍କର ଅବଦାନ ଗୁଡିକୁ ଆଲୋଚନା କରାଯିବା ସହ ମହିଳାମାନେ କୌଣସି କ୍ଷେତ୍ରରେ ନିଜକୁ କମ୍ ଭାବିବା ଆବଶ୍ୟକ ନୁହେଁ ବୋଲି ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ବିଭିନ୍ନ ଏନ୍.ଜି.ଓର କର୍ମକର୍ତ୍ତାଗଣଙ୍କ ସହ ଅନଗଣ୍ୱାଡି କର୍ମୀମାନେ ମଧ୍ୟ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମଟିକୁ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଏବଂ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ ।

## କ୍ଲଷ୍ଟରରେ ଆଗଧାଡି କ୍ଷେତ୍ର ପ୍ରଦର୍ଶନୀ




ଚଳିତ ବର୍ଷ ରବି ଋତୁରେ **୧୨୫** ଜଣ ଚାଷୀମାନଙ୍କୁ ଏକତ୍ର ଗୋଟିଏ ଜାଗାରେ ସୋରିଷ ଚାଷ କରିବା ପାଇଁ ବୃହତ୍ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ଜଳର ଅଭାବ ଥିବା ସ୍ଥାନ ମାନଙ୍କରେ କମ୍ ଅବଧି ବିଶିଷ୍ଟ ସୋରିଷ ମଞ୍ଜି ଏବଂ ରୋଗ ପୋକ ଦମନ କରିବା ନିମନ୍ତେ କୀଟ ନାଶକ ଔଷଧ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବଣ୍ଟନ କରାଯାଇଥିଲା । ବଡଖଣି ପଞ୍ଚାୟତରୁ ଲୁବରୁ, ମାଲିପଦର, ସାନଖଣି, ପି. ଗୋବିନ୍ଦପୁର ପଞ୍ଚାୟତରୁ କେଶରା, ପି. ଗୋବିନ୍ଦପୁର, ପାଟୁଳି ପଙ୍କା ଏବଂ ମଲାସପଦର ପଞ୍ଚାୟତରୁ ରଚାଗୁଡା,




ମଲାସପଦର ଗ୍ରାମର **୧୨୫** ଜଣ ଚାଷୀ ଏହି ପ୍ରଦର୍ଶନୀର ସାମିଲ ହୋଇଥିଲେ । ୮୫ ଦିନ ଅବଧିର ଏହି ସୋରିଷ ୫୦ ହେକ୍ଟର ଜାଗାରେ ଚାଷ କରାଯାଇଥିଲା । ଏହି ପ୍ରଦର୍ଶନୀକୁ କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ବିଜ୍ଞାନୀ ବୈଜ୍ଞାନିକ ଶ୍ରୀ ସଂଜୀବ କୁମାର ମାଣ୍ଡିଙ୍କ ତତ୍ତ୍ୱାବଧାନରେ ପରିଚାଳିତ କରାଯାଇଥିଲା । ଅମଳ ପରେ ଏହି ସୋରିଷ ମଞ୍ଜିର ଅମଳକ୍ଷମ ବିଷୟରେ ଜଣାଯାଇପାରିବ ।

## ବୁନ୍ଦା ଜଳସେଚନର କ୍ଷେତ୍ର ପରିକ୍ଷଣ




ଚଳିତ ବର୍ଷ ରବି ଋତୁରେ ୭ ଜଣ ଚାଷୀଙ୍କୁ ନେଇ ବୁନ୍ଦା ଜଳସେଚନ ମାଧ୍ୟମରେ ଭେଣ୍ଡି ଚାଷର କ୍ଷେତ୍ର ପରୀକ୍ଷଣ କରାଯାଇଛି । ରବିରେ ମୁଖ୍ୟତଃ ଜଳଭାବ ହେଉଥିବାରୁ ଚାଷୀମାନେ ରବିରେ ମୁଖ୍ୟତଃ ପନିକରିବା ଚାଷ ପ୍ରତି ବିଶେଷ ଧ୍ୟାନ ଦେଇ ନଥାନ୍ତି । ତେବେ କୃଷି ବିଜ୍ଞାନ କେନ୍ଦ୍ରର କୃଷି ଯନ୍ତ୍ରୀ ବୈଜ୍ଞାନିକ ଇଂ. ଦ୍ୱାରିକା ମୋହନ ଦାସଙ୍କ ତତ୍ତ୍ୱାବଧାନରେ ବୁନ୍ଦା ଜଳସେଚନ ମାଧ୍ୟମରେ ଭେଣ୍ଡି ଚାଷ କରିବା ପାଇଁ ଚାଷୀମାନଙ୍କୁ ଭେଣ୍ଡି ମଞ୍ଜି ଯୋଗାଇଥିଲେ । ବୁନ୍ଦା ଜଳସେଚନ ଦ୍ୱାରା ପାଖାପାଖି ୯୦ ପ୍ରତିଶତ ପାଣି କମ୍ ବ୍ୟବହାର ହୋଇଥାଏ । ଯାହା ଦ୍ୱାରା ଗଛକୁ ସଠିକ୍ ମାତ୍ରାରେ ଜଳ ମିଳିବା ସହ ପାଣିର ଅପବ୍ୟବହାର ମଧ୍ୟ ହୋଇ ନଥାଏ । ଆବଶ୍ୟକ ବେଳେ ସଠିକ୍ ମାତ୍ରାରେ ସାର ମଧ୍ୟ ସେହି ପାଣିରେ ମିଶାଇ ଗଛରେ ବୁନ୍ଦା ବୁନ୍ଦା ହୋଇ ପଡିଲେ ସାର ଗଛରେ ପକାଇବାରେ ଅଲଗା ପରିଶ୍ରମ କରିବାକୁ ପଡି ନଥାଏ । ତେବେ ଏହି ପରୀକ୍ଷଣଟି ଏବେ ମଧ୍ୟ ଚାଲୁ ରହିଛି । ଚାଷୀମାନେ ଅମଳ ପାଇଲା ପରେ ଏହା କେତେ ଦୂର ସଫଳ ହୋଇଛି ତାହା ଜଣା ପଡିବ ।

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ରା.ଉଦୟଗିରି, ଗଜପତି, ମୁଖ୍ୟ ସଂପାଦକ : ଡଃ. ସଂଗ୍ରାମ ପରମଗୁରୁ (ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ)
ସମ୍ପାଦନା ମଣ୍ଡଳୀ : ସୁଶ୍ରୀ ରଶ୍ମିତା ଟପ୍ପୋ,ବୈଜ୍ଞାନିକ (ଉଦ୍ୟାନ କୃଷି), ଇଂ. ଦ୍ୱାରିକା ମୋହନ ଦାସ, ବୈଜ୍ଞାନିକ (କୃଷି ଯନ୍ତ୍ରପାତି)
ଶ୍ରୀ ସଂଜୀବ କୁମାର ମାଣ୍ଡି, ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ), ଶ୍ରୀ ମନୋଜ କୁମାର ସାହୁ, କାର୍ଯ୍ୟକ୍ରମ ସହାୟକ (କମ୍ପ୍ୟୁଟର),
ସୁଶ୍ରୀ ମମତା ମାହାଲି (ଫାର୍ମ ମ୍ୟାନେଜର)
ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ରା. ଉଦୟଗିରି, ଗଜପତି - ୭୬୧୦୧୬, Email : kvkgajapati.ouat@gmail.com